# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**11 January – 2026**

---

# ପ୍ରାକ୍ ବଜେଟ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀଠାରେ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଓଡିଶା ସମତେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ପ୍ରମୁଖ ଯୋଗଦେଇ ବଜେଟ୍ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ସଂସଦର ବଜେଟ୍ ଅଧିବେଶନ ଆସନ୍ତା ୨୮ତାରିଖରେ ଆରମ୍ଭ ହେବ

---

# ବିଦ୍ୟୁତ ବୈଠକ

ରାଜ୍ୟବାସୀଙ୍କୁ ସୁଲଭ, ନିରବଚ୍ଛିନ୍ନ, ବିଶ୍ୱସନୀୟ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ ନିଶ୍ଚିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ ଉତ୍ପାଦନ ଓ ବିତରଣ କ୍ଷେତ୍ରରେ ନିରନ୍ତରତା ବଜାୟ ରଖିବା ସହିତ ପ୍ରକଳ୍ପଗୁଡିକର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବା ପାଇଁ ଗତକାଲି ଭୁବନେଶ୍ୱରରେ ଅନୁଷ୍ଠିତ ବିଦ୍ୟୁତ ସମ୍ପର୍କୀତ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଛି । ଝାରସୁଗୁଡା-ସମ୍ବଲପୁର, ବରଗଡ-ସାରସମାଳ,

ଥେରୁବାଲି-ଜୟପୁର, ବ୍ରହ୍ମପୁର-ବାଲିଗୁଡା ଅଞ୍ଚଳରେ ୨୨୦କେ.ଭି. ରିଙ୍ଗ ନେଟୱାର୍କ ବିକାଶ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

## ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ

ଯାଜପୁର ଜିଲ୍ଲା ରତ୍ନଗିରି-ଉଦୟଗିରି-ଲଳିତଗିରି ହୀରକ ତ୍ରିଭୁଜ ବୌଦ୍ଧପୀଠ ଠାରେ ଆଜିଠାରୁ ଗୁରୁ ପଦ୍ମସମ୍ଭବ ପ୍ରାର୍ଥନା ସମାରୋହ ଦ୍ୱିତୀୟ ସଂସ୍କରଣ ତଥା ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଆରମ୍ଭ ହୋଇଛି । ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ଲାଇଟ ଅଫ ବୁଦ୍ଧ ଧର୍ମ ଫାଉଣ୍ଡେସନ ଇଣ୍ଟରନ୍ୟାସନାଲ ପକ୍ଷରୁ ମିଳିତଭାବେ ଆୟୋଜିତ ହେଉଥିବା ଏହି ସମ୍ମିଳନୀ ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଚାଲିବ । ଦେଶ ବିଦେଶରୁ ବହୁ ବୌଦ୍ଧ ଧର୍ମାବଲମ୍ବୀ ଏଥିରେ ଯୋଗଦେଉଛନ୍ତି । ଗୁରୁ ପଦ୍ମସମ୍ଭବ ଜୀବନୀ, ବୌଦ୍ଧଧର୍ମ ଏବଂ ଏହାର ଶିକ୍ଷା, ବୌଦ୍ଧଗ୍ରନ୍ଥ ଆଦି ଉପରେ ଅଧିକ ଗବେଷଣା କରିବା ପାଇଁ ଏହି ସମ୍ମିଳନୀ ସହାୟକ ହୋଇପାରିବ । ରାଜ୍ୟ ସରକାର ଗତବର୍ଷ ହୀରକ ତ୍ରିଭୁଜଠାରେ ଗୁରୁ ପଦ୍ମସମ୍ଭବ ପ୍ରାର୍ଥନା ସମାରୋହ ଆୟୋଜନ କରିଥିଲେ ।

# ଶିଶିର ସରସ ମେଳା

ଶିଶିର ସରସ ମେଳା ସ୍ୱାବଲମ୍ବନ ଏବଂ ଆତ୍ମନିର୍ଭରଶୀଳତାର ଏକ ଅନନ୍ୟ ମଞ୍ଚ ବୋଲି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ଶିଶିର ସରସ-୨୦୨୬’ ମେଳାକୁ ଗତ ସନ୍ଧ୍ୟାରେ ଉଦ୍‌ଘାଟନ କରି ଶ୍ରୀ ମଲ୍ଲିକ କହିଛନ୍ତି, ଏହି ମେଳା ଗ୍ରାମାଞ୍ଚଳ କାରିଗର ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଧିକ ସଶକ୍ତ କରିପାରୁଛି । ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ କାରିଗରଙ୍କ ପକ୍ଷରୁ ନିଜ ଉତ୍ପାଦ ସାମଗ୍ରୀ ପ୍ରଦର୍ଶନ ବା ବିକ୍ରି ନେଇ ୩୪୦ଟି ମଣ୍ଡପ ଖୋଲାଯାଇଛି । ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳା ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିଛି ।

# ଅପରକୋଲାବ ଜଳଭଣ୍ଡାର

ରବିଫସଲ ପାଇଁ ଅପର କୋଲାବ ଜଳସେଚନରୁ ଆସନ୍ତାକାଲି ପାଣି ଛଡାଯିବ । ଜୟପୁର, କୁନ୍ଦ୍ରା, ବୋରିଗୁମ୍ମା ଓ କୋଟପାଡ ଅଞ୍ଚଳର ଆୟକଟ କ୍ଷେତ୍ରକୁ ଅପର କୋଲାବ ଜଳ ଭଣ୍ଡାରରୁ ରବିଫସଲ ପାଇଁ ପାଣି ଛଡାଯାଇଥାଏ । କେନାଲ ମରାମତି ଯୋଗୁଁ ଗତକାଲି ନିର୍ଦ୍ଧାରିତ ପାଣି ଛଡାଯିବା ସମୟରେ ପରିବର୍ତ୍ତନ କରାଯାଇ ଆସନ୍ତାକାଲି ପାଣି ଛାଡିବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ଜଳଭଣ୍ଡାର କର୍ତ୍ତୃପକ୍ଷ କହିଛନ୍ତି ।

# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଭଦ୍ରକ ନେହେରୁ ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆଜିଠାରୁ ଦୁଇଦିନ ଧରି ଅନୁଷ୍ଠିତ ହେବ। ଜିଲ୍ଲା  ମତ୍ସ୍ୟ ଓ ପ୍ରାଣୀ ସମ୍ପଦ  ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି ମେଳା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ   ଚାଷୀଙ୍କୁ ଅବଗତ କରାଯିବ

---

# ଭାପୁର ମହୋତ୍ସବ

ଶାନ୍ତି ଓ ମୈତ୍ରୀ ଭାବ ସହିତ ନିଜସ୍ୱ କ୍ଷେତ୍ରରେ ପ୍ରତିଷ୍ଠା ପାଇଁ ଯୁବପିଢି ଆଗେଇ ଆସିବା ପାଇଁ ବାଚସ୍ପତି ସୁରମା ପାଢୀ ଆହ୍ୱାନ ଦେଇଛନ୍ତି । ନୟାଗଡ ଜିଲ୍ଲା ଭାପୁର ବ୍ଲକ ସଦରମହକୁମା ଠାରେ ଚାଲିଥିବା ଉତ୍କର୍ଷ ଭାପୁର ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ତୃତୀୟ ସନ୍ଧ୍ୟାରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀମତୀ ପାଢୀ ଯୋଗଦେଇ ଏହା କହିଛନ୍ତି । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

---

# ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ

ରାୟଗଡା ଜି.ସି.ଡି. ହାଇସ୍କୁଲ ପଡିଆଠାରେ ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏହି ପାଞ୍ଚଦିନିଆ ମହୋତ୍ସବ ଆୟୋଜିତ ହୋଇଥିଲା ।

---

# ବନ୍ଦେ ମାତରମ୍ ସଙ୍ଗୀତ

ନନ୍ଦାହାଣ୍ଡି ବ୍ଲକ ଡଙ୍ଗାରଭେଜା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ 'ବନ୍ଦେ ମାତରମ୍' ସଙ୍ଗୀତର ୧୫୦ତମ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଉପଲକ୍ଷେ ଏକ ପ୍ରଶିକ୍ଷଣ ଶିବିର ଗତକାଲି ଆୟୋଜନ କରାଯାଇଥିଲା । ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନଗୁଡିକରେ ବନ୍ଦେ ମାତରମ୍ ସଙ୍ଗୀତ ସାମୂହିକ ଗାନ କରାଯିବ ।

---

# ପ୍ରସ୍ତୁତି ବୈଠକ

କନ୍ଧମାଳ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣତନ୍ତ୍ର ଦିବସ ପାଳନ ନେଇ କାର୍ଯ୍ୟନିର୍ଘଣ୍ଟ ଉପରେ ଆଲୋଚନା ହୋଇଛି ।

---

# ଧାନସଂଗ୍ରହ

କେନ୍ଦ୍ରାପଡା ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଜମଧରଠାରେ ଏହି ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି । ଚଳିତବର୍ଷ ଜିଲ୍ଲାର ୫୨ହଜାର ଚାଷୀ ଧାନ ବିକ୍ରୀ ନେଇ ପଞ୍ଜୀକୃତ ହୋଇଥିବା ଜଣାପଡିଛି । ଚଳିତବର୍ଷ ପ୍ରାଥମିକ ପର୍ଯ୍ୟାୟରେ ଜିଲ୍ଲାରୁ ୮ଲକ୍ଷ ୧୨ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ରଖିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି ।

# ଶୀତ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଶୀତ ବୃଦ୍ଧି ପାଇବା ନେଇ ସୁନ୍ଦରଗଡ, ଝାରସୁଗୁଡା ଓ ଅନୁଗୁଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।